# ସନ୍ତ୍ରାସବାଦ

ସନ୍ତ୍ରାସବାଦ ସନ୍ତ୍ରାସବାଦ ନାଆଁ
କାହିଁରେ ବିଳୟ ଘଟିବ ସେଇଟି ଆହା
ପଥ ପ୍ରାନ୍ତର ଧାରେ ଧାରେ ରହି
ନିରୀହ ଜନତା ଅଶ୍ରୁ ଢ଼ାଳଇ
ଯେଉଁଠି ପ୍ରାଣର ସ୍ପନ୍ଦନ ଯାଏ ଛୁଟି
ରୌଦ୍ର ଅନଳେ ଜଳଇ ପ୍ରାଣ ଦୁଇଟି
କେଉଁ ଠାରେ ବୋମା ସହସା ବିସ୍ଫୋଟେ
ଶତପ୍ରାଣ ଭୂମେ ଲୋଟେ
ପୁଣି କେଉଁଠାରେ ଶତ ସୈନିକ ଶୋଣିତ ସାଗରେ ବୁଡେ
କେତେଦିନ ଆଉ ସହିବା ?
ଛାତିରେ ପଥର ବୋହିବା ?
ଚରମ ଶପଥ ନିଅ ଶତବାର
ସନ୍ତ୍ରାସବାଦ ନାଆଁ ଶୁଣିବାନି ଜମା
ସମୁହ ଚେଷ୍ଟା ନିଷ୍ଫଳ ନୁହେଁ ଶତ୍ରୁ
ମରଇ ଆପେ ଆପେ ଲଙ୍ଘିଂ ସୀମା
ଭ୍ରାନ୍ତ ପଥର ପଥିକ ହେ ଅସ୍ତ୍ରଧର
ଦୁର୍ବାର ରଣେ ନ ଲୋଟାଅ ଶତଶିର
ଦୁର୍ଗମ ପଥେ କେବେବି ଫୁଟେନା ଶତ ପାରିଜାତ ଫୁଲ

କ୍ଳାନ୍ତ ଶରୀର ଅଶାନ୍ତି ଲଭଇ ନାହିଁଟି ଯହିଁରେ ମୂଲ୍ୟ .
ଅସୀ ନାହିଁ ଆଣେ ଶାନ୍ତି
ଆଣଇ ମାନସେ ଭ୍ରାନ୍ତି
ଅଗମ୍ୟ ପଥ ଛାଡି ଆସ ଫୁଲ ପଥେ
କୁସୁମିତ ତନୁ ମନ ନେଇ ସାଥେ ସାଥେ
ଦୁର୍ଗମ ପଥ କୁସୁମିତ ହେବ,
ଶାନ୍ତି ରାଜିବ ପ୍ରଶାନ୍ତ ହୃଦୟେ ଚିର
ଭାରତ ମାତାର ସନ୍ତାନ ଆମେ,
ଗର୍ବେ ବଞ୍ଚିବା, ଉନ୍ନତ କରି ଶିର

ସନ୍ତ୍ରାସବାଦ ସନ୍ତ୍ରାସବାଦ ନାଆଁ
ଇତିହାସ ପୃଷ୍ଠୁ ଲଭିବ ବିଲୟ
ସଙ୍ଗୀତ ସୃଜିବ ଅମୃତ ବଳୟ
ଶାନ୍ତି ପ୍ରଶ୍ୱାସ ନେବ ଜନ୍ମଭୂମି ମାଆ
ଆମେରେ ସ୍ରଷ୍ଟା ଆମେ ଭବିତବ୍ୟ ଦ୍ରଷ୍ଟା
ଭ୍ରମ ସପଥରେ ହେବା ନାହିଁ ଦିଗ ଭ୍ରଷ୍ଟା
ସୃଷ୍ଟି ପଥରେ ଆମେ ସୃଜିଯିବା ଆଲେଖ୍ୟ ଦିଗ୍‌ବଳୟ
ସୃଜନର ପଥେ ହେବ ପରା ତାହା ଅମୃତ କିଶଳୟ
ଅଚିରେ ରାଜିବ ଶାନ୍ତି
ସକଳେ ଲଭିବେ ମୁକ୍ତି
ଅନନ୍ତ ପଥେ ଅମୃତେ ତନୁ ଲଭିବ ପରମ ଶାନ୍ତି

ଧର ଉପାନ୍ତେ ହସ ଫେଟିବ ଲଭିବ ପରମ ମୁକ୍ତି
ସନ୍ତ୍ରାସବାଦୀ ହେଲେହେଁ ସେ ଆମ ଭାଇ
ସ୍ନେହର ରଜ୍ଜୁରେ ବାନ୍ଧ ତାହାରେ କୁସୁମ ପରଶ ଦେଇ
ଅନ୍ତର ତଳ ଲାଭାକୁ ଶୀତଳ କରି
ହୃଦ ଦାବାନଳେ ଜୀବନ ପ୍ରାଣ ସଞ୍ଚାରି
ଗଳାରେ ଗଳାକୁ ମିଳାଇ ଲଭିବା ମଧୁ ଆଶ୍ଲେଷ ଚିର
ପ୍ରେମ ତଟିନୀରେ ଅବଗାହୀ ସତେ ଅବସାଦ ହେବ ଦୂର
ନିଃଶେଷ ହେବ ବ୍ୟଥିତ ପ୍ରାଣର ଯେତେକ ଦୀନ ଯାତନା
ସନ୍ତ୍ରାସବାଦ ଲୁଚିଯିବ ସତେ ଉଡ଼ିବ ମୈତ୍ରୀ ବାନା ❑ ❑ ❑

